# ବ୍ରହ୍ମପୁର ମହାନଗର ନିଗମ

ପତ୍ର ସଂଖ୍ୟା. ..୧୯୨୦୦..../XXXVII-E-12-11/20 ତା. ...୧୨-୧୦-୨୦୨୦...

## ବିଜ୍ଞାପନ

ଏତଦ୍‌ଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ରାଜୀବ ଆବାସ ଯୋଜନାରେ ସ୍ଥାନିତ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ଜଣାଇ ଦିଆଯାଉଅଛି ଯେ, ଯେଉଁ ଯୋଗ୍ୟ ହିତାଧିକାରୀ ଉକ୍ତ ତାଲିକାରେ ସ୍ଥାନୀତ ଅଛନ୍ତି କିନ୍ତୁ କୌଣସି କାରଣ ବଶତଃ ଗୃହ ନମ୍ବର ପାଇବାରେ ବଞ୍ଚିତ ଅଛନ୍ତି, ତାହାହେଲେ ସେମାନେ ନିଜ ନିଜର ଆବେଦନ ପତ୍ର ସହ ନିଜସ୍ୱ ଠିକଣା, ମୋବାଇଲ ନଂ, ଆଧାର କାର୍ଡ଼, ରାଜୀବ ଆବାସ ଯୋଜନାରେ ସ୍ଥାନିତ ହୋଇଥିବା କ୍ରମିକ ସଂଖ୍ୟା ଏବଂ ନିଜସ୍ୱ ସତ୍ୟପାଠ ସହ ଆସନ୍ତା ତା.୧୫.୧୧.୨୦୨୦ରିଖ ସୁଦ୍ଧା ପରିଷଦରେ ନିଯୁକ୍ତ ହୋଇଥିବା ସି.ଏଲ୍.ଟି.ସି ସଦସ୍ୟଙ୍କୁ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରାଯାଉଛି । ଉକ୍ତ ତାରିଖ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ, ଏବଂ ସେମାନଙ୍କୁ ହିତାଧିକାରୀ ତାଲିକାରୁ ବାଦ୍ କରାଯିବ । ଏବଂ ଭବିଷ୍ୟତରେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଗୃହ ପ୍ରଦାନ ଯୋଜନାରୁ ମଧ ବାଦ ପଡ଼ିବେ । ସେଥିନିମନ୍ତେ ନିମ୍ନ ସ୍ୱାକ୍ଷରକାରୀ ଦାୟି ରହିବେ ନାହିଁ ।

(ବି:ଦ୍ର:- ବିଭିନ୍ନ ବସ୍ତି ଅଞ୍ଚଳ ଅର୍ଥାତ୍ ଆଙ୍କୁଲି ଗୁଡ଼ିଆ ବନ୍ଧ, ମୁକ୍ତେଶ୍ୱର ମନ୍ଦିର ବନ୍ଧ, ଷ୍ଟେସନ ରୋଡ଼, ଆନନ୍ଦ ସାରଣୀ, ବାଲାଜୀ ପେଣ୍ଠ ହୁଡ଼ା, ପଣ୍ଡା କଲୋନୀ, ଡିପ ହରିଜନ ସାହି, ଗୁଡ୍‌ସେଡ୍ ରୋଡ଼, ନେହୁରୁ ନଗର ନବମ ଓ ଦଶମ ଲେନ୍, ଶିଶୁ ମନ୍ଦିର ରୋଡ଼, ଧୋବାବନ୍ଧ ହୁଡ଼ା (ୱାର୍ଡ଼ ନଂ - ୧୦), ଆଇନା ବନ୍ଧ ସାହି, ପୂର୍ଣ୍ଣବାସୀ ହରିଜନ କଲୋନୀ, ଜଗବନ୍ଧୁ ହୁଡ଼ା, ନେଳିଆବନ୍ଧ ସାହି, ଫୁଲ ସୁନ୍ଦରୀ ସାହି, ସୋମନାଥ ନଗର (ତ୍ରିନାଥ ନଗର), ରଘୁପତି ନଗର, ଉତ୍ତରାମୁଖୀ, ପିଚିପିଚା ନଗର, ଧାନମେରା ସାହି, ଖାଜାସାହି (ଗେଟା), ଝିଲିମିଲି ନଗର, ଧୋବାବନ୍ଧ ହୁଡ଼ା ୱାର୍ଡ଼ ନଂ - ୦୩, ହନୁମାନ ନଗର, ମଥୁରା ନଗର, ଗୌଡ଼ବନ୍ଧ ସାହି, କେନାଲ ସାହି, ସାହୁ କଲୋନୀ ଓ ମୁସଲମାନ କଲୋନୀ, ବର୍ମା କଲୋନୀ, ଏନାଦ୍ରି ଗାଁ, ଶ୍ରମିକ ନଗର, କାମ୍ପ ସାହି, ଆଙ୍କୁଲି ବାଉରି ସାହି, ଇତ୍ୟାଦି ଅଞ୍ଚଳର ହିତାଧିକାରୀ ତାଲିକା ବ୍ରହ୍ମପୁର ମହାନଗର ନିଗମ **(website - www.berhampur.gov.in)** ରେ ପ୍ରଥମ ଦଫା ପ୍ରକାଶ କରାଯାଇଛି । ଏମାନେ ହିତାଧିକାରୀ ତାଲିକାରୁ କୌଣସି କାରଣରୁ ବାଦ୍ ପାଇଲେ ଅନ୍ୟ ଅଞ୍ଚଳର ବାସିନ୍ଦାଙ୍କୁ ହିତାଧିକାରୀ ରୂପେ ଗ୍ରହଣ କରାଯିବ ।)

କମିଶନର
ବ୍ରହ୍ମପୁର ମହାନଗର ନିଗମ

ସ୍ମାରକ ସଂଖ୍ୟା. ..୧୯୨୦୧.. ତା. ...୧୨-୧୦-୨୦୨୦...

ଏହାର ଏକକିତା ନକଲ ଖବର କାଗଜର ସମ୍ପାଦକ ...Dharitri...,...Samaj... ବ୍ୟାପକ ସୂଚନା ନିମନ୍ତେ ଆସନ୍ତା ତିନିଦିନ ମଧ୍ୟରେ ପ୍ରକାଶ କରାଯିବା ନିମନ୍ତେ ପ୍ରଦାନ କରାଗଲା ।

କମିଶନର
ବ୍ରହ୍ମପୁର ମହାନଗର ନିଗମ

ସ୍ମାରକ ସଂଖ୍ୟା. ..୧୯୨୦୨.. ତା. ...୧୨-୧୦-୨୦୨୦...

ଏହାର ଏକକିତା ନକଲ ସମସ୍ତ ଗୋଷ୍ଠୀ ସହାୟୀକାଙ୍କ ଅବଗତ ନିମନ୍ତେ ପ୍ରଦାନ କରାଗଲା । ଏବଂ ସେମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଏହି ବିଜ୍ଞାପନ ପତ୍ରଟିର ନକଲ ସମ୍ପୃକ୍ତ ଅଞ୍ଚଳର ଚାରିଗୋଟି ମୁଖ୍ୟ ସ୍ଥାନ ମାନଙ୍କରେ ଛପାଇବା ସଙ୍ଗେ ବ୍ୟାପକ ରୂପେ ଉକ୍ତ ଅଞ୍ଚଳର ବାସିନ୍ଦାମାନଙ୍କୁ ଅବଗତ କରାଇବେ ।

କମିଶନର
ବ୍ରହ୍ମପୁର ମହାନଗର ନିଗମ